ଓଡିଶା ସରକାର

ସାଧାରଣ ପ୍ରଶାସନ ବିଭାଗ

....

ନଂ. 22107 /ସା.ପ୍ର.ବି. ତାରିଖ 19-7-89

ପ୍ରେଷକ :

ନିର୍ମାଣ ବିଭାଗ/ ଗୃହ ଓ ନଗର ଉନ୍ନୟନ ବିଭାଗ / ସେଚ ଓ ଶକ୍ତି ବିଭାଗ ।

ବିଷୟ :

ସବୁଜ ପତିକାଧାରୀ କାର୍ଯ୍ୟଭାରିତ କର୍ମଚାରୀଙ୍କୁ ସୁବିଧା ସୁଯୋଗ ଦେବା ସଂପର୍କରେ ।

ନିମ୍ନ ସ୍ୱାକ୍ଷରକାରୀ ନିର୍ଦ୍ଦେଶିତ ହୋଇ ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି କହୁଅଛନ୍ତି କି କାର୍ଯ୍ୟଭାରିତ (ଓ୍ୱାର୍କ ଚାର୍ଯ୍ୟଡ୍) କର୍ମଚାରୀମାନେ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସବୁଜ ପତିକାଧାରୀ ଭାବରେ ସୁବିଧା ସୁଯୋଗ ପାଇପାରିବେ କି ନାହିଁ ସେ ସମ୍ବନ୍ଧରେ ବିଭିନ୍ନ ସମୟରେ ଏହି ବିଭାଗରୁ ସ୍ପଷ୍ଟୀକରଣ ମଗାଯାଉଛି । ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖ କରାଯାଉଅଛି ଯେ, କାର୍ଯ୍ୟଭାରିତ କର୍ମଚାରୀମାନେ ମଧ୍ୟ ସରକାରୀ କର୍ମଚାରୀ ଓ ସେମାନେ ଏହି ସୁବିଧାରୁ ଆଦୌ ବଂଚିତ ହେବା ଉଚିତ ନୁହେଁ ।

ଏଣୁ ସମସ୍ତଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି କି ଯଦି କୌଣସି କାର୍ଯ୍ୟଭାରିତ କର୍ମଚାରୀ ସବୁଜପତିକାଧାରୀ ହୋଇଥାଏ, ତେବେ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ସବୁଜପତିକାଧାରୀ ହୋଇଥିଲେ ଯେଉଁ ସୁବିଧା ସୁଯୋଗ ପାଇବାପାଇଁ ବିବେଚିତ ହେଉଛନ୍ତି ଅନୁରୂପ ସୁବିଧା ସୁଯୋଗ ଏମାନଙ୍କୁ (କାର୍ଯ୍ୟଭାରିତ କର୍ମଚାରୀ ମାନଙ୍କୁ) ଦେବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେବା ଉଚିତ ନୁହେଁ ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ନଂ. 22108 /ସା.ପ୍ର.ବି. ତାରିଖ 19-7-89

ଏହାର ନକଲ ଅନ୍ୟ ସମସ୍ତ ବିଭାଗ / ବିଭାଗୀୟ ମୁଖ୍ୟ ଏବଂ ଦପ୍ତର/ ଜିଲ୍ଲା କାର୍ଯ୍ୟାଳୟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ

କାଶି.

--0--